# Akashvani, Sambalpur

## SAMBALPURI NEWS EVENING BULLETIN

## 16 july 2026-7.02- 7.12 pm.

---

୧- ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ।

- ରଥ୍‌ଯାତ୍ରା ଅବ୍‌ସରେ ଲୁକ୍‌କୁ ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ।

- ପାତାଳୀ ଶ୍ରୀକ୍ଷେତ୍ର ଆର୍ ଭଟ୍‌ଲି ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ହେଉଛେ ରଥ୍‌ଯାତ୍ରା ।

୨- ଓଡ଼ିଶାର୍ ୭ ଟା ଅମୃତ୍ ଭାରତ୍ ଷ୍ଟେସନ୍‌ର ଆଏବା କାଏଲ୍ ଶୁଭାରମ୍ଭ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୩- ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

ରଥ୍‌ଯାତ୍ରା        ପୁରୀ ସମ୍ବାଦଦାତା/ଏକ୍ସ

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେଉଛେ । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ଭଉଣୀ ସୁଭଦ୍ରା ଆଉ ସୁଦର୍ଶନ୍‌ଙ୍କୁ ସାଙ୍ଗେ ନେଇକରି ୯ ଦିନ୍ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର୍‌କେ ଘୋଷଯାତ୍ରାଥି ଯାଉଛନ୍ । ଠିକ୍ ସମିଆଥି ମାହାପୁରୁମାନ୍‌କର୍ ପହଣ୍ଡି ମୁଲ୍ ହେଇଥିଲେ ଭିଲ୍ ଦିନର୍ ଅଢ଼େଇ ବଜେତକ୍ ପହଣ୍ଡି ଶେଷ୍ ହେଇଥିଲା । ଉପର୍‌ବେଲା ୫ ବଜେ ପହେଲା ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚା ମୁଲ୍ ହେଇଥିଲା । ତାର୍ ଉତ୍‌ରୁ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ଘିଚା ହେଇଥିଲା । ଘଂଟ୍, ଶଙ୍ଖ, ହରିବୋଲ୍, ହୁଲ୍‌ହୁଲି ଭିତ୍‌ରେ ଭକ୍ତମାନେ ଦୁହି ରଥକେ ଘିଚି ଘିଚି ନଉଛନ୍ । ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଏବ୍‌ତକ୍ ନୁହେଁ ଘିଚା ହୁଏ । ରଥ ଉପ୍‌ରେ ବସିଥିବା ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ଲାଗି ପୁରୀ ବଡ଼ଦାଣ୍ଡ ନ ଲାଖ୍ ଲାଖ୍ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଜମିଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

*କୋଟି କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ୍ ରତ୍ନବେଦୀନୁ ଜନ୍ମବେଦୀକେ ୯ ଦିନ୍ ଲାଗି ଯାତ୍ରାଥି ବାହାରିଛନ୍ । ଚାହିଆ ହଲେଇକରି ଭକ୍ତଙ୍କର୍ ଭିତ୍‌ରେ ବିଜେ କରିଛନ୍ ଶ୍ରୀଜଗନ୍ନାଥ୍, ଶ୍ରୀବଳଭଦ୍ର ଆଉ ଦେବୀ ସୁଭଦ୍ରା । ଭକ୍ତ ଆଉ ଭଗବାନ୍‌ଙ୍କର୍ ଦିବ୍ୟ ମିଳନ୍ ସହେତେ ବଡ଼ଦାଣ୍ଡ ନ ଭକ୍ତିମୟ ପରିବେଶ୍ ଲାଗି ରହିଛେ ।*

*ଅଷାଢ଼୍ ମାସର୍ ଉଜଲ୍‌ପଖର୍ ଦୁତିଆ ତିଥି ଦିନ ଆଏଜ୍ ଚକ୍ରରାଜ୍ ସୁଦର୍ଶନ୍, ବଡ଼ ମାହାପୁରୁ ଶ୍ରୀ ବଳଭଦ୍ର, ମାହାପୁରୁ ଶ୍ରୀ ଜଗନ୍ନାଥ୍ ଆଉ ଦେବୀ ସୁଭଦ୍ରାଙ୍କର୍ ମାନବୀୟ ଲୀଳାକେ ସାରା ବ୍ରହ୍ମାଣ୍ଡ ଦର୍ଶନ୍ କରୁଛେ । ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଲର୍ ୯ ବଜେ ତିନ୍‌ହି ରଥକେ ପ୍ରତିଷ୍ଠା କରାଯିବାର୍ ଉତ୍‌ରୁ ସାଢ଼େ ୯ ବଜେ ମାହାପୁରୁମାନ୍‌କର ଗୋଟି ପହଣ୍ଡି ମୁଲ୍ ହେଇଥିଲା । ଚତୁର୍ଦ୍ଧାମୂର୍ତି ଧାଡ଼ି ପହଣ୍ଡିଥି ଆସିକରି ରଥ ଉପ୍‌ରେ ବିଜେ ହେଇଥିଲେ । ମାହାପୁରୁମାନେ ରଥଥି ବିଜେ ହେଲା ଉତ୍‌ରୁ ଶ୍ରୀ ଶ୍ରୀ ମଦନ ମୋହନ୍, ଶ୍ରୀରାମ ଆଉ ଶ୍ରୀକୃଷ୍ଣଙ୍କୁ ରଥ ଉପ୍‌ରେ ବିଜେ କରାଯାଇଥିଲା । ଉପର୍‌ବେଲା ଚିତାଲାଗି ବେଶ କରାଯାଇକରି ଗଜପତି ମହାରାଜ୍ ଦିବ୍ୟସିଂହ ଦେବ ତିନ୍‌ହି ରଥ*

ଉପ୍‌ରେ ଛେରା ପହଁରା କରିଥିଲେ । ତାର୍ ଉତ୍‌ରୁ ଚାରମାଳ ଫିଟା, ଘୋଡ଼ା ଆଉ ସାରଥୀ ଖଞ୍ଜା ଯାଇଥିଲା । ତାର୍ ଆଗ୍‌ରୁ ପୁରୀ ଗୋବର୍ଦ୍ଧନ୍ ପୀଠର ମଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଭିଲ୍ ରଥ ଉପ୍‌ରେ ମାହାପୁରୁମାନ୍‌କୁ ଦର୍ଶନ୍ କରିଥିଲେ । ବେଲ୍‌ବୁଡ଼ର ୫ ବଜେ ପହେଲା ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ୍ ଘିଚା ମୁଲ୍ ହେଇଥିଲା । ପଛେ ପଛେ ଦେବୀ ସୁଭଦ୍ରା ଆଉ ଶ୍ରୀଜଗନ୍ନାଥଙ୍କର୍ ରଥ ଘିଚା ଯାଇଥିଲା ।

ରଥ୍‌ଘିଚା କାମ୍ ଆଉ ଆନୁସଙ୍ଗିକ ରୀତିନୀତିକେ ଶୃଙ୍ଖଳିତ୍ ଭାବେ ପରିଚାଳନା କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଖାସ୍ ପଦକ୍ଷେପ୍ ନିଆଯାଇଛେ । ଝିପିର୍‌ଝିପିର୍ ବର୍ଷାଥି ଆଏଜ୍ ସାରା ଶ୍ରୀକ୍ଷେତ୍ର ଭିଜିଛେ । ଘଂଟ୍, ଶଙ୍ଖ ଧ୍ୱନିଥି ବଡ଼ଦାଣ୍ଡ ଉଛ୍‌ଲିପଡ଼ିଛେ । ଇତାର୍‌ସହେତେ ଜୟ ଜଗନ୍ନାଥ୍‌ର ଗଗନ ଭେଦୀ ଧ୍ୱନୀ ଭିତ୍‌ରେ ବଡ଼ଦାଣ୍ଡ ହେଇଛେ ଭକ୍ତିର୍ ମହା ତୀର୍ଥସ୍ଥଳୀ । ଆକାଶବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ ସୁପ୍ରିତୀ ମିଶ୍ର ।

ରଥଯାତ୍ରା- ବାର୍ତା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରଥଯାତ୍ରା ଅବ୍‌ସରେ ଦେଶ୍ ବିଦେଶ୍ ନ ରହୁଥିବା ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି କହିଛନ୍, ଭକ୍ତ ଆଉ ଭଗବାନ୍‌ଙ୍କର୍ ମିଲନ୍‌ର ଇ ପର୍ବ ପୁର୍‌ଥି ନ ବିରଳ ଆଏ । ଇ ମହାପର୍ବ୍‌ଥି ମାହାପୁରୁ ଶ୍ରୀ ଜଗନ୍ନାଥ୍, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଆଉ ଚକ୍ରରାଜ ସୁଦର୍ଶନଙ୍କର୍ ସହେତେ ରଥ ଉପ୍‌ରେ ଭକ୍ତମାନ୍‌କୁ ଦର୍ଶନ୍ ଦେସନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଭଗବାନ୍‌ଙ୍କର୍ ପାଖେ ଦେଶ୍‌ବାସୀଙ୍କର୍ ସୁଖସମୃଦ୍ଧି କାମନା କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇକରି କହିଛନ୍ ଇଟା ଭାରତ୍‌ର କାଳଜୟୀ, ଆଧ୍ୟାତ୍ମିକ୍, ସାଂସ୍କୃତିକ ଐତିହ୍ୟର୍ ଗୁଟେ ଅନନ୍ୟ ଅଭିବ୍ୟକ୍ତି ଆଏ । ରଥଯାତ୍ରା ସାଙ୍ଗେ ଜୁଡ଼ି ହେଇଥିବା ପରମ୍ପରା ଭାରତ୍ ଆଉ ପୁର୍‌ଥିର୍ ପିଢ଼ି ଉତ୍‌ରୁ ପିଢ଼ିକେ ପ୍ରେରଣା ଦେଇଛେ । ଇଟା ବିନମ୍ରତା, ସାମୂହିକ୍ ଭାଗିଦାରୀ ଆଉ ନିସ୍ୱାର୍ଥପର ସେବାକେ ପ୍ରତିଫଳିତ୍ କର୍‌ସି ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ସାରା ପୁର୍‌ଥି ନ ଥିବା ଜଗନ୍ନାଥ୍ ପ୍ରେମୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସମାଜ୍ ନ ଇଟା ଶାନ୍ତି, ମୈତ୍ରୀ, ପ୍ରେମ୍ ଆଉ ଭାତୃଭାବ୍ ପ୍ରତିଷ୍ଠାଥି ସାହାଜ୍ କରୁ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରଥଯାତ୍ରା ଅବ୍‌ସରେ ରାଜ୍ୟର୍ ଲୁକ୍‌କୁ ଆଉ ପୁର୍‌ଥିର୍ ଚାର୍‌ହିଆଡ଼େ ଥିବା ମହାପ୍ରଭୁଙ୍କର୍ ଭକ୍ତଆଉ ଶ୍ରଦ୍ଧାଳୁମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଓଡ଼ିଆ ଜାତିର୍ ଆରାଧ ଦେବତା ମାହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ଆଶିର୍ବାଦ୍‌ଥି ରାଜ୍ୟର୍ ବିକାଶ୍ ସହେତେ ସମ୍‌କର୍ ଜୀବନ୍ ସୁଖ, ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ ବଲି କହିଛନ୍ ।

ରଥଯାତ୍ରା- ପଶ୍ଚିମ ଓଡ଼ିଶା

ସୁବର୍ଣ୍ଣପୁର୍/ ବର୍‌ଗଡ଼୍/ ସମ୍ବଲ୍‌ପୁର୍/ ବୌଦ୍ଧ/ ଦେବ୍‌ଗଡ଼୍/ ନୂଆପଡ଼ା ।

ଶ୍ରୀକ୍ଷେତ୍ର ପୁରୀ ସହେତେ ଆଏଜ୍ ରାଜ୍ୟର୍ ଗାଁ ସହର୍ ସବୁ ନ ରଥ୍‌ଯାତ୍ରା ହଉଛେ । ଶ୍ରୀଜଗନ୍ନାଥଙ୍କର୍ ଅନନ୍ୟ ଦିବ୍ୟଲୀଳା କ୍ଷେତ୍ର ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀ କ୍ଷେତ୍ର ନ ଶ୍ରୀମନ୍ଦିର୍‌ର ନୀତିକାନ୍ତି ଆର୍ ପରମ୍ପରା ଅନ୍‌ସାରେ ରଥ୍‌ଯାତ୍ରା ହଉଛେ । ତ୍ରିକୁଟ ପର୍ବତ୍‌ର ଛଲିଆ ଶିଖର୍ ମନ୍ଦିର୍‌ନୁ ଚତୁର୍ଦ୍ଧାମୂର୍ତିଙ୍କୁ ସେବାୟତ୍‌ମାନେ ଧାଡ଼ିପହଣ୍ଡିଥି଼ ଶହେ ୮ ପାହୁଁଚ୍ ଉତ୍‌ରେଇକରି ବଡ଼ଦାଣ୍ଡକେ ଆନିଥିଲେ ଆଉର୍ ମାହାପୁରୁମାନ୍‌କୁ ରଥେ ବିରାଜ୍‌ମାନ୍ କରାଯାଇଥିଲା । ତାର୍ ଉତ୍‌ରୁ ରଥ୍‌ଘିଚା ମୁଲ୍ ହେଇଛେ ।

ସମ୍ବଲ୍‌ପୁର୍ ଆର୍ ରେଢ଼ାଖୋଲ୍ ସହର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ରଥ୍‌ଯାତ୍ରା ହେଉଛେ । ସମ୍ବଲ୍‌ପୁର୍ ନ ଝାଡୁଆପଡ଼ାର୍ ବ୍ରହ୍ମପୁରା ମାହାପୁରୁଙ୍କର୍ ପହଣ୍ଡି ଉତ୍‌ରୁ ବାକି ପଡ଼ାମାନ୍‌କୁ ମାହାପୁରୁମାନ୍‌କର୍ ପହଣ୍ଡି କରାଯାଇଥିଲା । ରଥମାନ୍‌କେ ମାହାପୁରୁଙ୍କର୍‌ଙ୍କ ଠାନେ ଭାତ୍‌ଖୁଆନି ହେଇସାରିଥିବା ଛୁଆମାନ୍‌କର୍ ରଥଛୁଆଁ ବିଧି କରାଯାଇଥିଲା । ତାର୍‌ଉତ୍‌ରୁ କେନ୍‌ଯୁଗୁ ଚଲିଆସୁଥିବା ପରମ୍ପରା ଅନ୍‌ସାରେ ବଡ଼ସଡ଼ଖେ ସବାଆଘୋ ବ୍ରହ୍ମପୁରା ମାହାପୁରୁଙ୍କର୍ ରଥ ଉତ୍‌ରୁ ବାକିପଡ଼ା ମାନ୍‌କର୍ ରଥ ଘିଚା ଚାଲିଛେ ।

ବର୍‌ଗଡ୍‌ ଜିଲ୍ଲାର୍‌ ଭଟ୍‌ଲି ନ ଦଧିବାମନ୍‌ ମାହାପୁରୁଙ୍କର୍‌ ନବଗୁଞ୍ଜର ରଥ୍‌ଯାତ୍ରା ମୁଲ୍‌ ହେଇଛେ । ଆଏଜ୍‌ ସଖାଲ୍‌ବେଲା ମାହାପୁରୁଙ୍କୁ ପହଣ୍ଡି କରିକରି ରଥଦାଣ୍ଡକେ ନିଆଯାଇଥିଲା । ମଙ୍ଗଲ୍‌ଆଲ୍‌ତୀ ଆର୍‌ ଛୋଟ୍‌ଛୋଟ୍‌ ଛୁଆମାନ୍‌କର୍‌ ରଥଛୁଆଁ ଉତ୍‌ରୁ ରଥ୍‌ଘିଚା ଯାଇଥିଲା ।

ବୌଦ୍ଧ ନ ଉପର୍‌ବେଲା ରଥ୍‌ଘିଚା ମୁଲ୍‌ ହେଇଛେ । ଜଗନ୍ନାଥ ମନ୍ଦିର୍‌ ନ  ସାଖାଲ ବେଲା ମାହାପୁରୁଙ୍କୁ ପହଣ୍ଡି କରିକରି ରଥକେ ଅନାଯାଇଥିଲା ।

ଦେବ୍‌ଗଡ୍‌ ଜିଲ୍ଲାର୍‌ ଭିନ୍‌ ଭିନ୍‌ ମନ୍ଦିର୍‌ ସହେତେ ସହରର୍‌ ଶ୍ରୀଜଗନ୍ନାଥ ମନ୍ଦିର୍‌ଥି ଆଏଜ୍‌ ସଖାଲୁ ମାହାପୁରୁଙ୍କର୍‌ ପହଣ୍ଡି କରାଯାଇକରି ରଥଥି ବିରାଜ୍‌ମାନ୍‌ କରାଯାଇଛେ । ପରମ୍ପରା ଅନ୍‌ସାରେ ବେଲ୍‌ବୁଡ଼େ ସନ୍ଧ୍ୟାଆଲ୍‌ତୀ ଉତ୍‌ରୁ ସର୍ବସାଧାରଣ୍‌ ଦର୍ଶନ୍‌ କରାଯିବା ଆଏବା କାଏଲ୍‌ ଆର୍‌ ପର୍‌ଦିନ ରଥ୍‌ଘିଚା ହେବା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ ମଝିଆଗୁଡ଼ି ଠାନେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍‌ ରଥଯାତ୍ରା ହେଇଯାଇଛେ । ଖଡ଼ିଆଲ୍‌ ରାଜା ଦେବଦେବ ସିଂହଦେଓ ଛେରାପହଁରା ଉତ୍‌ରୁ ବଡ଼ଦାଣ୍ଡ ନ ରଥଘିଚା

ହେଇଛେ । ପରମ୍ପରା ଅନ୍‌ସାରେ ଖଡ଼ିଆଲ୍ ଠାନେ ଦେବୀ ସୁଭଦ୍ରାଙ୍କର୍ ରଥକେ ମହିଲା ଭକ୍ତମାନେ ଘିଚିଥିସନ୍ ।

ଟଙ୍କ ତୋରାଣୀ ବଂଟନ୍ କେନ୍ଦ୍ର ହି.ସ.

ପବିତ୍ର ରଥଯାତ୍ରା ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଶ୍ରୀମନ୍ଦିର୍ ସିଂହଦୁଆର୍ ପାଶେ ଟଙ୍କ ତୋରାଣୀ ବାଂଟ୍‌ବାର୍ କେନ୍ଦ୍ରର ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ନିଜେ ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବାର୍ ଲାଗି ଆସୁଥିବା ଭକ୍ତମାନ୍‌କୁ ଟଙ୍କ ତୋରାଣୀ ବାଂଟିଥିଲେ ।

ଅମୃତ୍ ଭାରତ୍ ଷ୍ଟେସନ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦେଶର୍ ୭୫ଟା ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ନବୀକରଣ୍ କରାଯାଇଥିବା ଭବନ୍‌ର ଉଦ୍‌ଘାଟନ୍ କର୍‌ବେ । ଇଥି ଓଡ଼ିଶାର୍

୭ ଟା ଷ୍ଟେସନ୍ ବଲାଙ୍ଗିର୍, ବର୍ପାଲି, କେସିଙ୍ଗା, ତାଲ୍ଚେର, ବାରିପଦା, ପାରଳାଖେମୁଣ୍ଡି ଆଉ ବିମଳଗଡ୍ ରେଲ୍ଷ୍ଟେସନ୍ ସାମିଲ୍ ଅଛେ । ଅତ୍ୟାଧୁନିକ୍ ସୁବିଧା ସହେତେ ଇ ୭ ଟା ଯାକ ଷ୍ଟେସନ୍ର ନବକଳେବର୍ ଲାଗି ପାଖାପାଖି ଶହେ ୯ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ ।

ମନ୍ କି ବାତ୍ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍ଥି ସେମାନ୍କର୍ ମତାମତ୍ ଦେଇପାର୍ବେ । ଇତାର୍ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍

କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ରଥଯାତ୍ରା ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଗଲାକାଏଲ୍ ଡେରିରାତି ପୁରୀ ସହରର୍ ଭିନ୍ ଭିନ୍ ଜଲବନ୍ଦୀ ପ୍ରବଣ ଇଲାକା ବୁଲିକରି ସମୀକ୍ଷା କରିଛନ୍ । ମନ୍ତ୍ରୀ କହିଛନ୍, ରଥଯାତ୍ରା ଲାଗି ଦେଶ୍‌ବିଦେଶ୍‌ନୁ ଆସୁଥିବା ଶ୍ରଦ୍ଧାଲୁମାନେ ଯେନ୍ତା ଜଲବନ୍ଦୀ କି ବର୍ଷା ଲାଗି କେନ୍‌ସି ଅସୁବିଧାଥି ନାଇଁ ପଡ଼ନ୍, ସେଟା ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ । ରଥଯାତ୍ରା ସମିଆଥି ଲକ୍ଷାଧିକ୍ ଶ୍ରଦ୍ଧାଲୁମାନ୍‌କର୍ ସୁଗମ୍, ସୁରକ୍ଷିତ୍ ଆଉ ବ୍ୟବସ୍ଥିତ୍ ରହଣୀକେ ସୁନିଶ୍ଚିତ୍ କର୍‌ବାର୍ ଆଉ ତୁର୍‌ତି ସମସ୍ୟାର୍ ସମାଧାନ୍ କର୍‌ବାର୍ ଲାଗି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ରଥଯାତ୍ରା ଉତ୍‌ରୁ ପୁରୀ ନ ଡ୍ରେନେଜ୍ ବ୍ୟବସ୍ଥାର୍

ସ୍ଥାୟୀ ସମାଧାନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ- ପ୍ରତିମୂର୍ତି ଦେବ୍‌ଗଡ଼୍ ସମ୍ବାଦଦାତା

ଆଘର୍ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ୍‌ଙ୍କର୍ ଜନ୍ମଜୟନ୍ତୀ ଅବ୍‌ସରେ ତାଙ୍କର୍ ପ୍ରତିମୂର୍ତି ଅନାବରଣ୍ ସମାରୋହ ଆଏଜ୍ ଦେବ୍‌ଗଡ଼୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରତିମୂର୍ତି ଉନ୍ମୋଚନ୍ କରିଥିଲେ । ସ୍ୱର୍ଗତ ପ୍ରଧାନ୍ ଝନେ ଦୂରଦର୍ଶୀ ନେତା, ଦକ୍ଷ ସଂଗଠକ ଆଉ ଜନସେବାଥି ସମର୍ପିତ୍ ବ୍ୟକ୍ତିତ୍ୱ ଥିଲେ । ତାଙ୍କର୍ ଆଦର୍ଶ, ତ୍ୟାଗ ଆଉ ଜନକଲ୍ୟାଣ୍ ଲାଗି ଅବଦାନ୍ ଆଏବା ପିଢ଼ି ଲାଗି ପ୍ରେରଣାର୍ ଉତ୍ସ ହେବା ବଲି ଅତିଥି ମାନେ କାର୍ଯ୍ୟକ୍ରମ୍‌ଥି କହିଥିଲେ ।

ଚକ୍ରଧର୍ ବେହେରା ଜୟନ୍ତୀ ଆଇ.ଆଣ୍ଡ୍.ପି.ଆର୍

କନିକା ପ୍ରଜା ଆନ୍ଦୋଲନ୍‌ର କର୍ଣ୍ଣଧାର୍ ଆଉ ମହାନ୍ ବିପ୍ଳବୀ ଚକ୍ରଧର୍ ବେହେରାଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଅବ୍‌ସରେ ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ଛକ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଛେ । ଗାନ୍ଧୀବାଦୀ ଆଦର୍ଶଥି ଅନୁପ୍ରାଣିତ୍ ହେଇକରି ସେ ପ୍ରଜାମାନ୍‌କର୍ ଅଧିକାର୍, ସ୍ୱାଭିମାନ୍ ଆଉ ନ୍ୟାୟ ଲାଗି ଆଜୀବନ୍ ସଂଗ୍ରାମ୍ କରିଥିଲେ । ତାଙ୍କର୍ ତ୍ୟାଗ, ସାହସ୍ ଆଉ ଦେଶ୍‌ପ୍ରେମ୍ ଆଏଜ୍ ଭିଲ୍ ଆଏବା ପିଢ଼ି ଲାଗି ପ୍ରେରଣାର୍ ଉତ୍ସ ହେଇକରି ରହିଛେ । ଅନ୍ୟାୟ, ଅନୀତି ଆଉ ଶୋଷଣ୍ ବିରୋଧିଥି ତାଙ୍କର ଲଢ଼େଇ ଓଡ଼ିଶାର୍ ସ୍ୱାଧୀନତା ସଂଗ୍ରାମ ଆଉ କୃଷକ୍ ଆନ୍ଦୋଲନ୍‌ର ଅଧ୍ୟାୟଥି ଗୁଟେ ସ୍ୱର୍ଣ୍ଣିମ ଅଧ୍ୟୟ ହେଇକରି ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପଶ୍ଚିମବଙ୍ଗ ସମୁଦ୍ରଖଁଡ଼ି ପାଖାପାଖି ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍‌ଥି ପୁରୀ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁବର୍ଣ୍ଣପୁର୍, ଅନୁଗୁଲ୍ ଆଉ ବୌଦ୍ଧ ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୯ ଦଶ୍‌ମିକ ୭/୩ ଫୁଟ୍ ରହିଥିବାର୍ ବେଲେ ଜଲ୍‌ଭଣ୍ଡାର୍‌ର ସବୁ ଗେଟ୍ ବନ୍ଦ୍ କରାଯାଇଛେ ।